


# ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନରୁ ଆରମ୍ଭ ହୁଏ ମେଳଣ

(ଅଜିତ ରାଉତ)
ଧାମନଗର,୬।୩

- ଯୋଗ ଦିଅନ୍ତି ୨୯ ବିମାନ
- ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା
- ଏଥର ଜଗିବ ସିସିକ୍ୟାମେରା

ଆଉ ଦିନ କେଇଟା ପରେ ଆରମ୍ଭ ହେବ ଭଦ୍ରକ ଜିଲା ଧାମନଗର ବ୍ଲକର ପ୍ରସିଦ୍ଧ ଲୁଣିଆ ମେଳଣ। ଏଥିପାଇଁ ସ୍ଥାନୀୟ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଦୀର୍ଘ ଶହ ଶହ ବର୍ଷ ଧରି ଐତିହାସିକ ଲୁଣିଆଠାରେ ମଡାଗଡ଼ିଆ ଲୁଣିଆ ମେଳଣ ଅନୁଷ୍ଠିତ ହୋଇଆସୁଛି। ମେଳଣ ପର୍ବ ଆରମ୍ଭରେ ଏକ ବିଶାଳ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନରୁ ଜୀଉମାନଙ୍କ ପ୍ରବେଶ ହୋଇଥାଏ। ଲୁଣିଆ, ସୁସୁଆ, ଆନନ୍ଦବଜାର, ଗଂଜାମାଳ, ସରପୁର, ଲେଙ୍କାସାହି, କଟସାହି, ତୋରବନ୍ଧିଆ, ସୁସୁଆ ଶାସନ, ମଙ୍ଗଳପୁର, ରାଜୁଆଳିବିନ୍ଧା ଶାସନ, ଭକ୍ତିବ୍ରହ୍ମପୁର, ରାଜୁଆଳିବିନ୍ଧା, ଲୁଣିଆ ଶାସନ ଆଦି ବିଭିନ୍ନ ଗ୍ରାମରୁ ୨୯ଟି ବିମାନ ମେଳଣରେ ଯୋଗ ଦେଇଥାନ୍ତି।

ଆସନ୍ତା ୧୦ ଓ ୧୧ ତାରିଖ ଦୁଇଦିନ ଧରି ମେଳଣ ଅନୁଷ୍ଠିତ ହେବ। ପୂର୍ବ ପଟୁଆର ଏବଂ ପଶ୍ଚିମ ପଟୁଆର ଭାବେ ବାଜା, ବାଣ, ରୋଶଣିରେ ଜୀଉମାନେ ମେଳଣକୁ ପ୍ରବେଶ କରିବେ। ଉଲ୍ଲେଖନୀୟ ଯେ, ଥାନପତି ଶ୍ରୀଶ୍ରୀ ଗୋବିନ୍ଦଜୀଉ, ଦାମୋଦରଜୀଉ ଓ ଗୋପୀନାଥଜୀଉ ପ୍ରଥମ ପଟୁଆରରେ ପ୍ରବେଶ କରନ୍ତି। ପରିଶେଷରେ ସରପୁରର ଶ୍ରୀଶ୍ରୀ ଦାମୋଦର ଜୀଉଙ୍କର ମେଳଣ ମଣ୍ଡପକୁ ପ୍ରବେଶ ହେବା ପରେ ମେଳଣ ଉଦ୍‌ଯାପନୀର ସଂକେତ ମିଳିଥାଏ। ପ୍ରତିପଦ ରାତିରେ ପୂର୍ବଦିଗ ପୋଖରୀ ଆଡ଼ିରୁ ୭ଟି ପଟୁଆର, ଦ୍ୱିତୀୟା ସକାଳେ ପଶ୍ଚିମ ଦିଗରୁ ୨ଟି ପଟୁଆର ବାହାରି ପୂର୍ବାହ୍ନ ସୁଦ୍ଧା ଆସନ ଗ୍ରହଣ କରିଥାନ୍ତି। ସନ୍ଧ୍ୟାରେ ପଶ୍ଚିମ ଦିଗରୁ ୨ ପଟୁଆର ବାହାରି ଆସ୍ଥାନ ଗ୍ରହଣ କରନ୍ତି। ଶେଷରେ ଦାମୋଦରଜୀଉଙ୍କ ପ୍ରବେଶ ପରେ ମେଳଣ ସମାପ୍ତି ପାଇଁ ପ୍ରସ୍ତୁତି ହୋଇଥାଏ। ଦାମୋଦରଜୀଉଙ୍କଠାରୁ ସମାପ୍ତ ଇସାରା ପାଇବା ପରେ ଥାନପତିଙ୍କ ଦ୍ୱାରା ଜୀଉମାନଙ୍କୁ ଭୋଗଲାଗି ଏବଂ ଆଳତି ହୋଇ ସମସ୍ତ ବିମାନ କାନ୍ଧରେ ଥାଇ ଅବିର ଖେଳ ହୋଇଥାଏ। ପରସ୍ପରକୁ ଅବିର ପ୍ରଦାନ ପରେ ଗୋଟିଏ ସ୍ଥାନରେ ଥାନପତି ଓ ଦାମୋଦରଜୀଉଙ୍କୁ ରଖାଯାଇଥାଏ। କାନ୍ଧରେ ଥିବା ଅନ୍ୟ ସମସ୍ତ ଜୀଉ ଥାନପତି ଏବଂ ଦାମୋଦରଜୀଉଙ୍କୁ ସ୍ପର୍ଶ କରି ଫେରିଥାନ୍ତି। ଚଳିତବର୍ଷ ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା ଜାରି କରାଯାଇଛି। ସ୍ଥାନୀୟ ଯୁବକ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ପ୍ରଥମଥର ଲାଗି ଏଥର ମେଳଣ ପରିସରକୁ ସମ୍ପୂର୍ଣ୍ଣ ଭାବେ ସିସିକ୍ୟାମେରା ଜଗିବ ବୋଲି କମିଟି ସଭାପତି ବୀରେନ୍ଦ୍ର କର, ଉପସଭାପତି ଶ୍ରୀଧର ପାଢ଼ୀ, ସମ୍ପାଦକ ପ୍ରତାପ ମହାନ୍ତି, ଯୁଗ୍ମ ସମ୍ପାଦକ ସ୍ନେହାଶିଷ ପଣ୍ଡା ଓ କୋଷାଧ୍ୟକ୍ଷ ଗଙ୍ଗାଧର ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପାଣି ପଞ୍ଚାୟତ ନିର୍ବାଚନ ଶେଷ

**ଭଣ୍ଡାରିପୋଖରୀ,୬।୩(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀନ ୪ ନଂ. ବୈତରଣୀ ପାଣି ପଞ୍ଚାୟତର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୧୭ଟି ଷୋଠ କମିଟି ପାଇଁ ସଦସ୍ୟ ନିର୍ବାଚନ ଶେଷ ହୋଇଥିଲା। ଶୁକ୍ରବାର ବ୍ୟବସ୍ଥା ଅନୁଯାୟୀ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା। ଆଖୁଆପଦା ସହକାରୀ ଉପନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ଏ ନେଇ ପ୍ରସ୍ତୁତି କରାଯାଇଥିଲା। ସେଠାରେ ପ୍ରାର୍ଥୀମାନେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ସଭାପତି ପଦ ପାଇଁ ଉଦୟ କୁମାର ନାୟକ, ସମ୍ପାଦକ ଲାଗି ପ୍ରଫୁଲ୍ଲ କୁମାର ନାୟକ ଓ କୋଷାଧ୍ୟକ୍ଷ ପାଇଁ ବିଜୟ କୁମାର ରାଉତ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ଏହି ୩ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚିନ୍ମୟ ମହାପାତ୍ର ଘୋଷଣା କରିଥିଲେ।

### ଆଞ୍ଚଳିକ ଯୁବ ସଂସଦ

**ପଦ୍ମପୁର, ୬।୩(ଡି.ଏନ.ଏ.):** ଭଦ୍ରକ ସଦର ବ୍ଲକ ସାହାଡ଼ା ପଞ୍ଚାୟତ ଅଧୀନ ସମିଆଁଠାରେ ବିଶ୍ୱ ବିଜୟିନୀ ଯୁବକ ସଂଘ ପକ୍ଷରୁ ଆଞ୍ଚଳିକ ଯୁବସଂସଦ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ଗଣେଶ ପ୍ରସାଦ ମଲିକ, ମୁଖ୍ୟବକ୍ତା ହରିପୁର ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଅରବିନ୍ଦ ଦାସ, ୱାର୍ଡସଭ୍ୟ ଜଳଧର ମଲିକ ଓ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଭିଗ୍‌ନେଶ ପଲାନି ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଂଘର ସଭାପତି ଲମ୍ବୋଧର ଦଳେଇ ଓ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଏଏ, ଏନ୍ଆର୍‌ସି ବିରୋଧରେ ଦାବିପତ୍ର

ଧାମନଗର,୬।୩ (ଡି.ଏନ.ଏ.)

ଧାମନଗର ବ୍ଲକ କଂଗ୍ରେସ ପକ୍ଷରୁ ସିଏଏ ଓ ଏନ୍ଆର୍‌ସି ବିରୋଧରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ହୋଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଧାମନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ଏକ ରାଲି ବାହାରି ବଡ଼ବଜାର, ସାନବଜାର ହୋଇ ବ୍ଲକ ଅଫିସ୍ ଅଭିମୁଖେ ଯାଇଥିଲା। ସେଠାରେ ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା। ବିଦ୍ୟାଧର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ନେତା ଭାବେ ଜ୍ଞାନ ବେହୁରିଆ, ପଞ୍ଚାନନ କାନୁନଗୋ, ଅଭିଷେକ ରାଉତ, ପିସିସି ସଦସ୍ୟା ଜାନକୀ ମଲ୍ଲିକଙ୍କ ସମେତ ସ୍ଥାନୀୟ ନେତା ହୃଦାନନ୍ଦ ସେଠୀ, ପ୍ରସନ୍ନ ଧଳ, ନାରାୟଣ ଚନ୍ଦ୍ର ପାଢ଼ୀ, ନାରାୟଣ ନାୟକ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଓ ଭଣ୍ଡାରିପୋଖରୀ ବ୍ଲକ ନେତା ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସିଏଏ ଓ ଏନ୍ଆର୍‌ସି ଲାଗୁ ନ କରି ଦେଶର ସମ୍ବିଧାନକୁ ସୁରକ୍ଷା ଦେବା ନେଇ ସେମାନେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କୁ ପ୍ରଦାନ କରାଯାଇଥିଲା।

# ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଭଦ୍ରକ ଅଫିସ,୬।୩

**ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଳଙ୍ଗା ଗ୍ରାମରେ ପାରିବାରିକ କଳହରୁ ମମି ସିଂ ନାମ୍ନୀ ଜଣେ ମହିଳା ଗୁରୁବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ତାଙ୍କ ଝିଅକୁ ମାରି ଦିଆଯାଇଥିବା ମୃତା ମମିଙ୍କ ମା' ଭାରତୀ ମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା(ନଂ.୧୪୯/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରିଛି। ପୋଲିସ ମୃତା ମମିଙ୍କ ସ୍ୱାମୀ ତପୁ ସିଂଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଘରୁ ମମିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଗୁରୁବାର ମମି ଓ ତପୁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାକୁ ନେଇ ମମି ରାତିରେ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଛି।

# ଆଧ୍ୟାତ୍ମିକ ଆଲୋଚନାଚକ୍ର

**ଭଦ୍ରକ ଅଫିସ,୬।୩–** ଭଦ୍ରକ ଆର୍ଯ୍ୟସମାଜ ପକ୍ଷରୁ ଆଧ୍ୟାତ୍ମିକ ଆଲୋଚନାଚକ୍ର ପୂଜ୍ୟ ସ୍ୱାମୀ ଡ. ଦେବବ୍ରତଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସଭାପତି ସୁଶୀଳାରାଣୀ ଗୁପ୍ତାଙ୍କ ଦ୍ୱାରା ସ୍ୱାଗତ ପରେ ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱାମୀଜୀ ବେଦ, ଉପନିଷଦ ଓ ଦର୍ଶନଶାସ୍ତ୍ରର ସାରଗର୍ଭକ ତଥ୍ୟ ବୁଝାଇଥିଲେ।


UTKAL UNIVERSITY
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDIATED A+
ADVERTISEMENT
No Estt-II / HC-1183 / 9600 / 2020 Dated: 14.2.2020
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR


# ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ ଗାଁ ଲୋକ

ବନ୍ତ,୬।୩(ସ୍ୱ.ପ୍ର.)


ବ୍ଲକ ଅଧ୍ୟକ୍ଷ ଓ ବିଡିଓ ଅନଶନକାରୀଙ୍କୁ ପାଣି ପିଆଇ ଅନଶନ ଭାଙ୍ଗୁଛନ୍ତି।

ବନ୍ତ ବ୍ଲକର ନୂତନ ଚାରିଗାଁ(ଚକ୍ରାପାଢ଼ୀ) ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ ଦାବିରେ ଚକ୍ରାପାଢ଼ୀ ଗ୍ରାମବାସୀ ଗୁରୁବାରଠାରୁ ଅନଶନ କରିଥିଲେ। ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚାଲିଥିବା ଏହି ଅନଶନ ଶୁକ୍ରବାର ୨ୟ ଦିନରେ ପ୍ରତିଶ୍ରୁତି ମିଳିବା ପରେ ପ୍ରତ୍ୟାହୃତ ହୋଇଛି। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଯେନା ଓ ବିଡିଓ ରେବିକା ବିଲୁଙ୍ଗ ଅନଶନସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ଚାହୁଁଥିବା ସ୍ଥାନରେ ଖୁବ୍‌ଶୀଘ୍ର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସୂଚନା ଫଳକ ନିର୍ମାଣ ହେବ ଓ ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନରୁ ଉଠିଥିଲେ। ସାମାଜିକ କର୍ମୀ ବାଙ୍କବିହାରୀ ସାହୁଙ୍କ ସମେତ ନିରଞ୍ଜନ କର, ଧରଣୀଧର କର, ରମେଶ ବୈଶାଖ, ବାମଦେବ କର, ବିଶ୍ୱବାସୀ କୁଣ୍ଡୁ, ମାଳତୀ କୁଣ୍ଡୁ, ଦୀପକ କୁମାର କର, ଉପେନ୍ଦ୍ର ନନ୍ଦୀ, ଗୟାଧର ସାହୁ, ତପନ କର, ପର୍ଶୁରାମ ପାଣିଗ୍ରାହୀ, ଦୟାନିଧି କର, କୃଷ୍ଣ ସାହୁ, ରବିନାରାୟଣ ବେହେରା, ଜୟଦେବ ସାହୁ, ନିତ୍ୟାନନ୍ଦ ସାହୁ ଓ ଲକ୍ଷ୍ମୀକିଙ୍କର ସାହୁ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ। ସୂଚନାଥାଉକି, ୩ ବର୍ଷ ଧରି ଚକ୍ରାପାଢ଼ୀ ପ୍ରାଥମିକ ବିଦ୍ୟାଳୟର ଏକ ପ୍ରକୋଷ୍ଠରେ ଅସ୍ଥାୟୀ ଭାବେ ଏହି ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବାବେଳେ ଗୃହ ନିର୍ମାଣ ଲାଗି ଏକାଧିକବାର ସ୍ଥାନ ନିରୂପଣ କରାଯାଉଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଅଧିକ ବିଳମ୍ବ କାରଣରୁ ଅତିଷ୍ଠ ହୋଇ ଗ୍ରାମବାସୀ ଅନଶନରେ ବସିଥିଲେ।




# ମୁନ୍‌ସୀ ମେଳଣରେ ପୂଜାର୍ଚ୍ଚନା

ଭଣ୍ଡାରିପୋଖରୀ, ୬।୩(ଡି.ଏନ.ଏ.)

ଭଣ୍ଡାରିପୋଖରୀର ପ୍ରସିଦ୍ଧ ମୁନ୍‌ସୀ ମେଳଣ ପାଇଁ ଶୁକ୍ରବାର ଥାନା ପରିସରରେ ଥିବା ଶୀତିକଣ୍ଠେଶ୍ୱର ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଥାନାଧିକାରୀ ସନାତନ ସାହୁ ଓ ପତ୍ନୀ ପ୍ରୀତିରେଖା ସାହୁ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ଅଧିବାସ, ସୂର୍ଯ୍ୟପୂଜା, ଘଟପୂଜା, ରାଧାଗୋବିନ୍ଦଙ୍କ ଷୋଡ଼ଶ ଉପଚାର, ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା, ମହାଦେବଙ୍କ ରୁଦ୍ରାଭିଷେକ, ୧୦୮ ବେଲପତ୍ର ଓ ଆହୁତି, ପାର୍ଶ୍ୱଦେବତା ପୂଜା ଉପଚାର ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ରାଜକିଶୋର ପଣ୍ଡା ଓ ସୁବାସ ପଣ୍ଡାଙ୍କ ବୈଦିକ ମନ୍ତ୍ର ଆବାହନରେ ଥାନା ପରିସର ଉତ୍ସବମୁଖର ହୋଇଉଠିଥିଲା। ମେଳଣ କମିଟି ସଦସ୍ୟ ପ୍ରଭାତ ସାହୁ ଉପସ୍ଥିତ ରହି ରାଧାକୃଷ୍ଣ ଓ ଦୋଳବିମାନକୁ ପୂଜାର୍ଚ୍ଚନା କରାଇଥିଲେ। ମଧୁସୂଦନ ନାୟକ, ନିରଞ୍ଜନ କର, ଜଗବନ୍ଧୁ ପଣ୍ଡା, ଏଏସ୍ଆଇ ଗୌରମଣି ସିଂ, ବିଶ୍ୱକେତନ ପରିଡ଼ା, ଚିତ୍ତରଞ୍ଜନ ନାୟକ, ମଣ୍ଟୁ ସ୍ୱାଇଁ, ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ବିଜୟ ଶଙ୍କର ମହାନ୍ତି, ଡମ୍ବରୁଧର ବେହେରା ଓ ଥାନା କର୍ମଚାରୀ ପରିଚାଳନା କରିଥିଲେ। ମଧ୍ୟାହ୍ନରେ ଥାନା ପରିସରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା।

# ମୋବାଇଲ ଆପ୍‌ରେ ହେବ ସର୍ଭେ



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ।

ଭଦ୍ରକ ଅଫିସ,୬।୩

**ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କୁ ପ୍ରଶିକ୍ଷଣ**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜନଗଣନା-୨୦୨୧ ପାଇଁ ଶୁକ୍ରବାରଠାରୁ ଜନଗଣନା ଅଧିକାରୀମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ନିର୍ଭୁଲ ଭାବେ ଠିକ୍ ସମୟ ମଧ୍ୟରେ ଜନଗଣନା ସମ୍ପାଦନ ଲାଗି ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଆଗକୁ ହେବାକୁ ଥିବା ସର୍ଭେ ଓ ସେ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପାଦିତ କରିବା ପାଇଁ ସରକାରଙ୍କ ଜନଗଣନା ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପଦ୍ଧତି ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି। ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶକଙ୍କ ପକ୍ଷରୁ ପ୍ରଶିକ୍ଷକ ଭାବେ ନୋଡାଲ ଅଫିସର ବିଜୟ କୁମାର ସାହୁ, ଅକ୍ଷୟ କୁମାର ଜେନା ଓ ପ୍ରୋଗ୍ରାମ ଅଫିସର ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମଥର ପାଇଁ ମୋବାଇଲ ଆପ୍ ମାଧ୍ୟମରେ ସର୍ଭେ ଓ ଜନଗଣନା କରାଯିବ ବୋଲି ଶିବିରରେ ସୂଚନା ଦିଆଯାଇଛି। ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଜୟ କୁମାର ମିଶ୍ର, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ସହାୟକ ଜିଲାପାଳ ତଥା ଡେପୁଟି ଜନଗଣନା ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ତହସିଲଦାର(ଚାର୍ଜ ଅଧିକାରୀ), କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ(ଟାଉନ ଜନଗଣନା ଅଧିକାରୀ) ଓ ବ୍ଲକ ଶିକ୍ଷାଧିକାରୀ(ଅତିରିକ୍ତ ଚାର୍ଜ ଅଧିକାରୀ) ଯୋଗ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତି ଚାର୍ଜ ସ୍ତରରେ ସୁପରଭାଇଜର ଓ ଏନୁମେରେଟରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ଘରେ ପଶି ବିଧବାଙ୍କୁ ବଳାତ୍କାର

ବାହାନଗା, ୬।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୭୩/୨୦) ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଉକ୍ତ ମହିଳା ଅଙ୍ଗନୱାଡି କର୍ମୀ ଭାବେ ଚାକିରି କରନ୍ତି। ଏହାସହ ସେ ମଧ୍ୟ ଏଲଆଇସିରେ ଏଜେଣ୍ଟ ଭାବେ କାମ କରନ୍ତି। ତେବେ ଗତ ୨୩ ତାରିଖ ରାତି ୧୦ଟା ବେଳେ ଘରେ କେହି ନ ଥିବା ବେଳେ ଜଣେ ଯୁବକ କବାଟ ବାଡେଇଥିଲେ। ସାହିରେ କେହି ଡାକୁଛନ୍ତି ଭାବି ମହିଳାଜଣକ କବାଟ ଖୋଲିଦେବାରୁ ଯୁବକଜଣକ ତାଙ୍କ ପାଟିକୁ ଜାବୁଡି ଧରି ଘର ଭିତରକୁ ନେଇଯାଇଥିଲେ। ଘର ଭିତରେ ମହିଳାଙ୍କ ପାଟିରେ ଲୁଗା ବାନ୍ଧି ବଳାତ୍କାର କରିବା ସହିତ ତାଙ୍କ ବେକରୁ ଏକ ସୁନା ହାର ଓ ଆଲମାରିରେ ଥିବା କିଛି ଟଙ୍କା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ୍ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ତେବେ ମହିଳା ଜଣକ ନ୍ୟାୟ ନ ପାଇ ନିରାଶ ହେବା ପରେ ବାହାନଗାଠାରେ ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମହିଳାଙ୍କ ସ୍ୱାମୀ ୨୦୧୬ରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଏକମାତ୍ର ୭ ବର୍ଷର ଝିଅଟିଏ ଅଛନ୍ତି। ବର୍ଷେ ପୂର୍ବେ ଉକ୍ତ ଯୁବକ ଇନସ୍ୟୁରାନ୍ସ ପଲିସି କରି ମହିଳାଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ସେ ମହିଳାଙ୍କୁ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଇଥିଲେ। ଲୋକଲଜ୍ଜା ଭୟରେ ମହିଳାଜଣକ ଚୁପ୍ ରହୁଥିଲେ। ଯୁବକଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ମହିଳାଜଣକ ଜାଣିପାରି ସେ ଦୂରେଇ ରହୁଥିଲେ। ଗତ ରବିବାର ରାତିରେ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ତୁରନ୍ତ ତାଙ୍କୁ ଗିରଫ କରାଯିବାକୁ ମହିଳା ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

### ଏସ୍ଏଚ୍ଜି ସଦସ୍ୟାଙ୍କୁ ହତ୍ୟା ଧମକ

ରୂପ୍ସା, ୬।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗୁରୁବାର ଥାନାରେ ୨ଟି ମାମଲା (ନଂ. ୬/୨୦ ଓ ୭/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଛାନୁଆ ଗ୍ରାମର ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କଠାରୁ ଦୁବୁଲାଗଡ଼ି ଗ୍ରାମର ଶ୍ରୀକୃଷ୍ଣ ଗିରି ଓ ତାଙ୍କର ଶଳା ଦୀର୍ଘଦିନ ଧରି ନେଇଥିବା ୨ଲକ୍ଷ ୭୦ହଜାର ଟଙ୍କା ଫେରସ୍ତ ଦେଉ ନ ଥିଲେ। ଗୋଷ୍ଠୀ ସଦସ୍ୟା ମାଳତୀ ଦାସ ଓ ସୁବାସିନୀ ଦାସ ବାହାବଳପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଶ୍ରୀକୃଷ୍ଣଙ୍କ ସହ ଦେଖାହେବାରୁ ପଇସା ମାଗିଥିଲେ। କିନ୍ତୁ ଶ୍ରୀକୃଷ୍ଣ, ତାଙ୍କର ପତ୍ନୀ ଓ ପୁଅ ମିଶି ମହିଳାଦ୍ୱୟଙ୍କୁ ଜାତିକୁ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର

ସୋର, ୬।୩(ଡି.ଏନ.ଏ.)-ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପକ ଶରତ ଚନ୍ଦ୍ର ସାହୁଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ବଦଳି କରାଯାଇଛି। ସମ୍ପୃକ୍ତ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଶ୍ରୀକାନ୍ତ ସାମଲ ରିଲିଭ କରି ଦେଇଥିବାରୁ ଏହାକୁ ନେଇ କଲେଜ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଛାତ୍ରୀଛାତ୍ରମାନେ ଶୁକ୍ରବାର ସନ୍ଧ୍ୟାରେ ଅଧ୍ୟକ୍ଷ କାର୍ଯ୍ୟାଳୟ ମଧ୍ୟରେ ଥିବା ବେଳେ ତାଲା ପକାଇ ଧାରଣାରେ ବସିଥିଲେ। ଏବେ ପରୀକ୍ଷା ଚାଲିଥିବା ବେଳେ ଅନ୍ୟ ଜଣେ ଅଧ୍ୟାପକ ଆସି ନାହାନ୍ତି। ଏଭଳି ପରିସ୍ଥିତିରେ ଅଧ୍ୟକ୍ଷ ଅଧ୍ୟାପକ ସାହୁଙ୍କୁ କିପରି ରିଲିଭ କଲେ ତାହାକୁ ନେଇ ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି।

### ବ୍ଲକ ଆଗରେ ଗଣଧାରଣା

ସଜନାଗଡ଼, ୬।୩(ଡି.ଏନ.ଏ.) ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତରେ ଜଣେ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଶୁକ୍ରବାର ଏକ ବିରାଟ ଗଣଧାରଣା ଦିଆଯାଇଥିଲା। ବିଡ଼ିଓ ପହଞ୍ଚି ୫ଦିନ ମଧ୍ୟରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ସମିତିସଭ୍ୟ ଶଶିଧର ମହାପାତ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଝରଣା ସିଂ, ପ୍ରବୀଣ ନାୟକ, ଅକ୍ଷୟ ବେହେରା, କରୁଣାକର ପଣ୍ଡା, ମାଟିଆଳିର ନାଏବ ସରପଞ୍ଚ, ରାମଚନ୍ଦ୍ର ସିଂ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ଚିତ୍ତରଞ୍ଜନ ଚୌଧୁରୀ, ରାଜୀବ ଦାସବାବୁ, କମଳାକାନ୍ତ ନାୟକ ସମେତ ମାଟିଆଳି ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ବିଡିଓ ଅନୀତା ନାଏକ ଧାରଣାସ୍ଥଳକୁ ଆସି ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# 'ନାଁ ପଛରେ ଲୁଚିଛି କିମ୍ବଦନ୍ତୀ'


ଲଙ୍ଗଳେଶ୍ୱର ମନ୍ଦିର।

**ଯେଉଁଠି ଲୋକେ ବସବାସ କରନ୍ତି, ସେଠି ଗଢ଼ିଉଠେ ଜନପଦ। ପ୍ରାଚୀନ କାଳରୁ ଏଭଳି ଅନେକ ଗ୍ରାମ ଗଢ଼ିଉଠିଛି, ଯାହାର ନାମକରଣ ପଛରେ ଅନେକ ବିଶେଷତ୍ୱ ଲୁଚି ରହିଛି। କୃଷିପ୍ରଧାନ ବାଲେଶ୍ୱର ଜିଲାରେ କୃଷିକେନ୍ଦ୍ରିକ ସଂସ୍କୃତିକୁ ଆଧାର କରି କିଭଳି ଅନେକ କିମ୍ବଦନ୍ତୀ ଜଡିତ ଜନପଦ ଗଢ଼ିଉଠିଛି ଲଙ୍ଗଳେଶ୍ୱର ଅଞ୍ଚଳ ତାହାର ଏକ ଉଦାହରଣ।**

କମଳାକାନ୍ତ ଦାସ
ଲଙ୍ଗଳେଶ୍ୱର, ୬।୩

ବିଭିନ୍ନ ଗ୍ରାମ ବା ଜନପଦର ନାମକରଣକୁ ନେଇ ରହିଛି ଅନେକ ଜନଶ୍ରୁତି। ବାଲେଶ୍ୱର ଜିଲା ସଦର ମହକୁମାଠାରୁ ୫୦କି.ମି.ଦୂର ଗଲେ ପଡ଼େ ଲଙ୍ଗଳେଶ୍ୱର ବଜାର। ସେଠାରୁ ଅନତି ଦୂରରେ ପୁରାତନ ଶୈବପୀଠ ଲଙ୍ଗଳେଶ୍ୱର। ମନ୍ଦିର ପଛପଟେ ପାର୍ବତୀ ନଦୀ ପ୍ରବାହିତ। ପ୍ରାକୃତିକ ପରିବେଶ ଅତି ମନୋରମ। ଏହି ଶୈବପୀଠକୁ ଅନେକ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ରାଜ୍ୟ ସରକାର ୨୦୧୦ରେ ଏହାକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଇଥିଲେ ବି ଏହି ପୀଠର ଆଶାନୁରୂପ ଉନ୍ନତି ହୋଇପାରିନାହିଁ। ୨୦୧୫ରେ ଏକ ପାନ୍ଥ ନିବାସ ନିର୍ମାଣ ସକାଶେ ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ଜାଗା ଚିହ୍ନଟ ନ ହେବାରୁ କାମ ହୋଇନି।

ଧାନ ଚାଷ ଲାଗି ଏହି ଅଞ୍ଚଳର ପ୍ରସିଦ୍ଧି ରହିଛି। କିମ୍ବଦନ୍ତୀ ଅଛି ଯେ, ପ୍ରାଣୀମାନଙ୍କ ସକାଶେ ଖାଦ୍ୟଶସ୍ୟ ସୃଷ୍ଟି ପାଇଁ ଭଗବାନ ଶିବ କୈଳାସପୁରରୁ ଲଙ୍ଗଳେଶ୍ୱର ଆସିଥିଲେ। ଷୋଳଷା ପାଣ୍ଡରେ ଶିବ ନିଜେ ଲଙ୍ଗଳ ପ୍ରସ୍ତୁତ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘଦିନ ବିତିଯିବା ପରେ ଶିବ କୈଳାସପୁର ନ ଫେରିବାରୁ ମା' ପାର୍ବତୀ ତାଙ୍କୁ ଖୋଜି ଖୋଜି ଆସି ପହଞ୍ଚିଥିଲେ। ଏଠାରେ ଶିବ-ପାର୍ବତୀଙ୍କ ମିଳନ ହୋଇଥିଲା। ଶିବଙ୍କ କର୍ମଭୂମି ଭାବେ ଲଙ୍ଗଳେଶ୍ୱର ଖ୍ୟାତ। ସେ ଲଙ୍ଗଳରେ ହଳ କରିବା ସମୟରେ ଲଙ୍ଗଳ ମୁଣ୍ଡାରେ ଯେଉଁ ଘାସ ଓ ମାଟି (ବାଟିଆ)ଲାଗୁଥିଲା, ତାହାକୁ ବାହାର କରି ଯେଉଁଠି ପକାଯାଉଥିଲା ସେହିଠାରେ ଏବେ ଜନବସତି ଗଢି ଉଠିଛି। ଏହି ସ୍ଥାନର ନାମ ରହିଛି ବାଟିଆଡ଼ିହା । ଚାଷ କାର୍ଯ୍ୟରେ ପରିଶ୍ରମ କରି ଭଗବାନ ଶିବ ଶ୍ରମ ଲାଘବ କରିବା ସକାଶେ ଏକ ସ୍ଥାନରେ ଗଞ୍ଜା ଟାଣି ବସୁଥିଲେ। କାଳକ୍ରମେ ସେହି ଗ୍ରାମର ନାମ ଗଞ୍ଜା ହୋଇଛି। କଥିତ ଅଛି ଯେ, ଭଗବାନ ଶିବ ଏଠାରୁ ଫେରିବା ସମୟରେ ଏକ ସ୍ଥାନରେ ବାଟବଣା ହୋଇଯାଇଥିଲେ। ଏହି ସ୍ଥାନକୁ ଏବେ ବଣିଆଡ଼ିହା ଗ୍ରାମ କୁହାଯାଉଛି। ଭଗବାନ ଶିବ ସେଠାରୁ ଫେରି ବିଶ୍ରାମ ନେଇଥିବା ସ୍ଥାନର ନାମ ରହିଛି ବିଶ୍ୱନାଥପୁର। ସ୍ୱୟଂ ଶିବ ନିଜେ ଏଠାରେ ଯେଉଁ ସବୁ କାର୍ଯ୍ୟ କରିଥିଲେ, ତାହାକୁ ଆଧାର କରି ବିଭିନ୍ନ ଗ୍ରାମର ନାମକରଣ ହୋଇଥିବା ନେଇ ସ୍ଥାନୀୟ ପୁରୁଖା ବ୍ୟକ୍ତି ଭାନୁ ଚରଣ ପାତ୍ର, ସୀତାରାମ ଦାସ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

ବର୍ତ୍ତମାନ ଶିବମନ୍ଦିର ଥିବା ସ୍ଥାନରେ ପୂର୍ବରୁ କଣ୍ଟି, ଖଡ଼ି, କିଆବୁଦା ପ୍ରଭୃତି ଘଞ୍ଚ ଜଙ୍ଗଲ ରହିଥିଲା। ଜମିଦାର ଶାସନ ସମୟରେ ଲଙ୍ଗଳେଶ୍ୱର ଅଞ୍ଚଳରେ ୨୫ ଘର କୃଷକ ପରିବାର ରହୁଥିଲେ। ଜମିଦାର ଉକ୍ତ ସ୍ଥାନକୁ ସଫା କରିବା ବେଳେ ସେଠାରୁ ଶିବଲିଙ୍ଗ ଓ ଲଙ୍ଗଳ ମିଳିଥିବା କୁହାଯାଏ। ସେବେଠାରୁ ଏହି ଗ୍ରାମ ଲଙ୍ଗଳେଶ୍ୱର ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ପୀଠରେ ଶିବ ଓ ପାର୍ବତୀ ଏକ ସଙ୍ଗରେ ପୂଜା ପାଇଥାନ୍ତି, ଯାହା ଏକ ବିଶେଷତ୍ୱ। ପୂର୍ବରୁ ଶିବରାତ୍ରି ବେଳେ ଦୁଇଦିନିଆ ମେଳା ବସୁଥିଲା। ବର୍ତ୍ତମାନ ମେଳା ୧୫ ଦିନ ଧରି ଚାଲୁଛି। ଦୂରଦୂରାନ୍ତରୁ ଲୋକ ଆସି ଶିବଙ୍କୁ ପୂଜା କରିବା ସହ ମେଳାରୁ ବିଭିନ୍ନ କୃଷିଭିତ୍ତିକ ସାମଗ୍ରୀ ତଥା ଘରୋଇ ଆସବାବପତ୍ର କିଣାକିଣି କରିଥାନ୍ତି। ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଥିବାରୁ ଏହାର ଭିତ୍ତିଭୂମି ବିକାଶ ଲାଗି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ରାମଚନ୍ଦ୍ର ଦାସ ଏବଂ ମନ୍ଦିର ପୂଜକ ଗୋପୀନାଥ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

## ହତ୍ୟା ଉଦ୍ୟମ ମାମଲା ଅଭିଯୁକ୍ତଙ୍କୁ ବର୍ଷେ ଜେଲ୍

ଜଳେଶ୍ୱର, ୬।୩(ସ୍ୱ.ପ୍ର.)

ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଶୁକ୍ରବାର ଜଳେଶ୍ୱର ସହକାରୀ ଦୌରାଜଜ୍ ଇନ୍ଦିରା ପ୍ରିୟଦର୍ଶନୀ ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେବା ସହ ୧୦୦୦ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଆଡ଼ ଗ୍ରାମରେ ୨୦୧୭ ଜାନୁୟାର ୧୨ ତାରିଖରେ ଜମିଜମାକୁ କେନ୍ଦ୍ର କରି ଏକ ହତ୍ୟା ଉଦ୍ୟମ ମାମଲା ହୋଇଥିଲା। ଖୁଆଡ଼ ଗ୍ରାମର ପ୍ରକାଶ ଚନ୍ଦ୍ର ଘୋଷ ଏବଂ ତାଙ୍କ ବାପା ରାମଚନ୍ଦ୍ର ସଂଘବଦ୍ଧ ଭାବେ ତାଙ୍କ ସମ୍ପର୍କୀୟ ପ୍ରତାପ ଚନ୍ଦ୍ର ଘୋଷଙ୍କୁ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରତାପ ମୁମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ପୁତ୍ରବଧୂ ସୁକାନ୍ତି ଘୋଷଙ୍କ ଅଭିଯୋଗ ଅନୁଯାୟୀ ରାଇବଣିଆ ଥାନାରେ ଏକ ମାମଲା (ନଂ. ୪/୧୭) ରୁଜୁ ହୋଇଥିଲା। ଶୁକ୍ରବାର ଜଳେଶ୍ୱର ସହକାରୀ ଦୌରାଜଜ୍ ଏସ୍‌ଟି କେସ୍ ନଂ. ୧୬/୨୦୧୭ର ବିଚାର କରି ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ପ୍ରକାଶଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ନିତ୍ୟଗୋପାଳ ଦାସ ମାମଲା ଲଢୁଥିବା ବେଳେ ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ଘନଶ୍ୟାମ ସାହୁ ଲଢୁଥିଲେ।

## ରାସ୍ତା କାମ ବିଳମ୍ବ ନେଇ ଅସନ୍ତୋଷ

### ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ


ଖବରଦାତା ସମ୍ମିଳନୀରେ ସଦର ବିଧାୟକ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ,୬।୩

ବାଲେଶ୍ୱର ପୌରପାଳିକା ଅଧୀନ ୪୦ ରାସ୍ତା କାର୍ଯ୍ୟ ଆରମ୍ଭରେ ଅହେତୁକ ବିଳମ୍ବ କରାଯାଉଛି। ଏନେଇ ଶୁକ୍ରବାର ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସଦର ବିଧାୟକ ମଦନମୋହନ ଦତ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

୨୦୧୯ ସେପ୍ଟେମ୍ବର ୨୮ ତାରିଖରେ ପତ୍ର ସଂଖ୍ୟା ୧୧୨୪ରେ ସଦର ବିଧାୟକ ଦତ୍ତ ସହରର ୮୦ଟି ବେହାଲ ରାସ୍ତାର ମରାମତି ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିବେଦନ କରିଥିଲେ। ଇତିମଧ୍ୟରେ ୪୦ଟି ରାସ୍ତା କାର୍ଯ୍ୟର ମରାମତି ପାଇଁ ଟେଣ୍ଡର ଆହ୍ୱାନ ପରେ ବିଭାଗୀୟ ବିଡ଼ିଂ, ଲଟେରି ପ୍ରକ୍ରିୟା ଶେଷ କରି ଶୁଭ ଦେଇ କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟଗୁଡ଼ିକ ଆରମ୍ଭ କରିବାକୁ ଭାଜପା ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଭାଜପା ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୌରପାଳିକାରେ ବିଧାୟକଙ୍କ ପ୍ରତିନିଧି ସୀତାକାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ସୁଜିତ ଦେବ, ଅଜିତ ମିଶ୍ର, ରାଧାକୃଷ୍ଣ ଦାସ, ଉପେନ୍ଦ୍ର ଶତପଥୀ, ସଂଯୁକ୍ତା ମହାପାତ୍ର, ଦିପୁ ପିରି, ବିବେକ ମହାନ୍ତି, ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ, ସଦର ମିଡ଼ିଆ ସଂଯୋଜକ ଅରୁପ ଜେନା ଉପସ୍ଥିତ ଥିଲେ।

## ଠିକାଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ସଜନାଗଡ଼, ୬।୩(ଡି.ଏନ.ଏ.)–

ନୀଳଗିରି ଥାନା ଅଧୀନ ଈଶ୍ୱରପୁର ଫାଣ୍ଡି ସମ୍ମୁଖରେ ଶୁକ୍ରବାର ଜଣେ ଠିକାଦାରଙ୍କୁ ଭୁଜାଲିରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଈଶ୍ୱରପୁର ପଞ୍ଚାୟତ ବାଙ୍କୀପଦା ଗ୍ରାମର ଠିକାଦାର ସୀତାନାଥ ପୋଥାଳ ପଞ୍ଚାୟତର କୌଣସି ଏକ କାର୍ଯ୍ୟକୁ ନେଇ ସ୍ଥାନୀୟ କେତେକ ଲୋକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ଉକ୍ତ ୫ରୁ ୬ ଜଣ ଯୁବକ ଭୁଜାଲି ଓ ଅନ୍ୟ ଅସ୍ତ୍ର ଦ୍ୱାରା ଠିକାଦାରଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆକ୍ରମଣରେ ଠିକାଦାରଙ୍କ ହାତ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଠିକାଦାରଙ୍କୁ ଉଦ୍ଧାର କରି ପ୍ରଥମେ ଈଶ୍ୱରପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ନୀଳଗିରି ପୋଲିସ ପଞ୍ଚାୟତ କାର୍ଯ୍ୟାଳୟ ନିକଟକୁ ଯାଇ ତଦନ୍ତ ଆରମ୍ଭ କରିଛି।


ଉତ୍ସବରେ ମଞ୍ଚାସୀନ ଅତିଥି।

## 'ବିଜ୍ଞାନ କ୍ଷେତ୍ରରେ ନାରୀଙ୍କ ଅବଦାନ ସ୍ୱତନ୍ତ୍ର'

ରୂପ୍ସା, ୬।୩(ଡି.ଏନ.ଏ.)

ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପଯୋଗ ଜୀବନଶୈଳୀକୁ ସହଜ କରିଛି। ସମଗ୍ର ବିଶ୍ୱରେ ନାରୀ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ସଫଳତା ଆଣି ଦେଇଛି। ଫଳରେ ବିଜ୍ଞାନ ଅଗ୍ରଗତିରେ ନାରୀର ଅବଦାନ ସ୍ୱତନ୍ତ୍ର ବୋଲି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍ସା ନୀଳମଣି ମହାବିଦ୍ୟାଳୟର ସାଇନ୍ସ ସୋସାଇଟି ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ଭାବେ ସୋର ୟୁଏନ୍ କଲେଜର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ସାମଲ ମତବ୍ୟକ୍ତ କରିଛନ୍ତି।

ଏହି ଉତ୍ସବରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ସାହୁ, ପ୍ରଫେସର ବସନ୍ତ କୁମାର ଭୋଇ, ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ପ୍ରଫେସର ମନୋରଞ୍ଜନ ମିଶ୍ର, ଅଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ପ୍ରମୁଖ ବିଜ୍ଞାନ କ୍ଷେତ୍ରରେ ନାରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜ୍ଞାନ ବିଭାଗର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିବନ୍ଧ ପାଠ କରିଥିଲେ। ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ଶାନ୍ତନୁ କୁମାର ଜେନା, ଉମରଜିତ ମହାନ୍ତି, ଶମ୍ଭୁନାଥ ଗିରି, ରାଧାଗୋବିନ୍ଦ ମହାନ୍ତି, ଅଧ୍ୟାପିକା ସ୍ୱୟଂସିଦ୍ଧା ମହାପାତ୍ର ଓ ବାସନ୍ତୀ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସ୍କିମ ୱାର୍କର୍ସଙ୍କ ଜେଲଭରୋ ଆନ୍ଦୋଳନ

ବାଲେଶ୍ୱର ଅଫିସ, ୬।୩

ସିଆଇଟିୟୁ ନେତୃତ୍ୱରେ ଶୁକ୍ରବାର ବାଲେଶ୍ୱର ସ୍କିମ ୱାର୍କର୍ସ ଶ୍ରମିକ ସଙ୍ଗଠନ ଶାଖା ପକ୍ଷରୁ ୮ ଦଫା ଦାବି ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଫିସ୍ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ସିଆଇଟିୟୁର ଶ୍ରମିକ ନେତା ରାଧାରମଣ ଷଡ଼ଙ୍ଗୀ ସ୍କିମ ୱାର୍କର୍ସ ଶ୍ରମିକମାନଙ୍କର ବିଭିନ୍ନ ଦାବିକୁ ଯଥାଶୀଘ୍ର ସରକାର ପୂରଣ ପାଇଁ ଆହ୍ୱାନ ଦେଇଥିଲେ। ସ୍କିମ ୱାର୍କର୍ସ ଶ୍ରମିକ ସଙ୍ଗଠନର ଶତାଧିକ ମହିଳା ଏକ ଶୋଭାଯାତ୍ରା ରେଲୱେଷ୍ଟେଶନରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ନେତୃବର୍ଗମାନେ ଆସନ୍ତା ମାର୍ଚ୍ଚ ୧୯ରୁ ୩୦ତାରିଖ ପର୍ଯ୍ୟନ୍ତ ବିଧାନସଭା ଆଗରେ ଧାରଣାରେ ବସିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ପୋଲିସ କର୍ଡନ ଭାଙ୍ଗି ଜେଲଭରୋ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନରେ ସିଆଇଟିୟୁର ଶ୍ରମିକ ନେତା ନିକୁଞ୍ଜ ବସନ୍ତ ରାୟ, ପାଚିକା ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ଈଶାନୀ ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରାଉତ, ପୂର୍ଣ୍ଣିମା ବେହେରା, ବସନ୍ତ ଦାସ, କନକ ଦାସ, ରାମଶଙ୍କର ଜେନା, ସୁଶିଳା ପାଣିଗ୍ରାହୀ, କବିତା ଦାସ, ଶର୍ମିଷ୍ଠା କରଣ, ଅସିତ ବରୁଣ ଦାସ, ରାଜକିଶୋର ଲେଙ୍କା, ସନ୍ତୋଷ ଦାସ, ଅନିରୁଦ୍ଧ ମଲ୍ଲିକ, ରମାକାନ୍ତ ରଣା, ଗିତା ଦାସ, ମନ୍ମଥ ବେହେରା, ଉଷା ବେହେରା, ଉମାକାନ୍ତ ବେହେରା, ବିନୋଦିନୀ ପଣ୍ଡା, ମଞ୍ଜୁଲତା ପ୍ରଧାନ, ଦ୍ରୌପଦୀ ସାହୁ ପ୍ରମୁଖ ପୋଲିସ ଦ୍ୱାରା ଗିରଫ ହୋଇଥିଲେ।

## ଉଗରା ବେଳାଭୂମିରେ ବନ୍ଧୁମିଳନ

ବାଲିଆପାଳ, ୬।୩(ଡି.ଏନ.ଏ.)

ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗର କର୍ମଚାରୀ, ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଗୁରୁବାର ଉଗରା ବେଳାଭୂମି ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପକ ଶ୍ରବଣ କୁମାର ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା କଲେଜର ପ୍ରାକ୍ତନ ମୁଖ୍ୟ କିରାଣି ମଧୁସୂଦନ ସାହୁ, ଅଧ୍ୟାପକ ରଣଜିତ ବେହେରା, କଲେଜର ଡେମୋନଷ୍ଟ୍ରେଟର ନିଶ୍ଚଳ ଘଡ଼ାଇ, କର୍ମଚାରୀ ପଦ୍ମଲୋଚନ ସାମଲ, ସୁବାସିନୀ ସେଣ, ବେବିରାଣୀ ନନ୍ଦ ପ୍ରମୁଖ ଯୋଗଦେଇ ବନ୍ଧୁ ମିଳନର ନିଆରା ପରମ୍ପରା ସମ୍ପର୍କରେ କହିଥିଲେ। ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ମହିମା ଅଲେଖ' ଧ୍ୱନିରେ କମ୍ପିଲା ଆଶ୍ରମ

ଖଇରା, ୬।୩ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜିଆଣିପଦା ମହିମା ଆଶ୍ରମ ପରିସରରେ ବୁଧବାର ମହିମା ମେଳା ମହୋତ୍ସବ ଦିବସବ୍ୟାପି ଅନୁଷ୍ଠିତ ହୋଇ ଯାଇଛି। ଅପରାହ୍ନରେ ସାଧୁଭିକ୍ଷା, ଶରଣ ଦର୍ଶନ ଓ ଘୃତବତୀ ପ୍ରଜ୍ୱଳନ, ସମବେତ ପ୍ରାର୍ଥନା ଓ ନାମ ଭଜନ ପରେ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଯାତ୍ରା ଜଗତର ହାସ୍ୟ ଅଭିନେତା ତଥା ମହିମାଆଶ୍ରିତ ମଣିଭଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ମଣିଷ ତାର କର୍ମ ପାଇଁ ସୁଖଦୁଃଖ ଭୋଗ କରୁଛି। ଏଣୁ ପ୍ରତ୍ୟେକ ବ୍ୟକ୍ତି ସତକର୍ମ ଓ ଅପକର୍ମ ପ୍ରତି ସଚେତନ ରହିବା ଦରକାର ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ବାବା, ବଡ ଭୀମସେନ ବାବା,ମୋହନ ବାବା, କାର୍ତ୍ତିକ ଚନ୍ଦ୍ର ଦାସ, ନବକିଶୋର ଦାସ, ନାରାୟଣ ଦାସ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପ୍ରମୁଖ ତତ୍ତ୍ୱଦର୍ଶୀ ବାଣୀ ଶୁଣାଇଥିଲେ ।

## ଧାରଣାରେ ବସିଲେ ଚାଷୀ

ସିମୁଳିଆ, ୬।୩ (ଡି.ଏନ.ଏ.)

ସିମୁଳିଆ ବ୍ଲକ ଅଧୀନ କ୍ଷୀରକୋଣା ସେବା ସମବାୟ ସମିତିରେ ଶୋଷଣର ଶିକାର ହେଉଥିବା ଅଭିଯୋଗ କରି ପାହିତୋରଣା, ଚାଲୁଣୀଗାଁ ଓ କ୍ଷୀରକୋଣା ଅଞ୍ଚଳର ଶତାଧିକ ଚାଷୀ ସମିତି ସମ୍ମୁଖରେ ଶୁକ୍ରବାର ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ରବିନାରାୟଣ ସାହୁ, ସିମୁଳିଆ ଥାନା ଏଏସ୍ଆଇ ଭୁବନ ସେଠୀ, ଆରଏମ୍‌ସି ସୁପରଭାଇଜର ପ୍ରବୀର ଦାସ ପ୍ରମୁଖ ମିଲ କର୍ତ୍ତୃପକ୍ଷ ଓ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସମସ୍ୟାକୁ ଟାଳି ଦେବା ଆଳରେ ଚାଷୀମାନଙ୍କର ଏକ କମିଟି ଗଠନ କରାଯାଇଥିଲା। ଧାନର ମାନ ଅନୁସାରେ ଚାଷୀମାନେ ମିଲରଙ୍କ ସହିତ ଆଲୋଚନା କରି ପର୍ସେଣ୍ଟ କାଟିବେ ବୋଲି ସ୍ଥିର ହୋଇଥିଲା।

# ସ୍ୱାସ୍ଥ୍ୟସେବା ଉପରୁ ତୁଟୁଛି ଭରସା

ଭୋଗରାଇ, ୬।୩(ଡି.ଏନ.ଏ.)

**୫ ଡାକ୍ତରଖାନାରେ ନାହାନ୍ତି ଡାକ୍ତର**

ରାଜ୍ୟରେ ସର୍ବବୃହତ ବ୍ଲକ ଭାବେ ପରିଚିତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ହୋଇରହିଛି। ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାଠାରୁ ଏହାର ଦୂରତା ୧୦୦ କି.ମି.। ଏହି ଉପାନ୍ତ ଇଲାକାରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାବେଳେ ରୋଗୀ ଜରୁରିକାଳୀନ ଚିକିତ୍ସା ପାଇପାରୁନାହାନ୍ତି। ଆମ୍ବୁଲାନ୍ସରେ ରୋଗୀଙ୍କୁ ମୁଖ୍ୟ ଡାକ୍ତରଖାନାକୁ ନେବାକୁ ଦୁଇଘଣ୍ଟାରୁ ଅଧିକ ସମୟ ଲାଗୁ ଥିବାବେଳେ ଅତି ଜରୁରୀ ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱର ନେବାକୁ ତିନି ଶହରୁ ସାଢ଼େ ତିନିଶହ କି.ମି. ଅତିକ୍ରମ କରିବାକୁ ପଡୁଛି। ଏଭଳି ସ୍ଥିତିରେ ବାଟରେ ରୋଗୀଙ୍କ ମୃତ୍ୟୁ ହୋଇଯାଉଛି।

ଏହି ବ୍ଲକର ୫୦ପଞ୍ଚାୟତର ଜନସଂଖ୍ୟା ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ବ୍ଲକ ଅଧୀନରେ ଜଳେଶ୍ୱରପୁର ଓ କମର୍ଦ୍ଦା



ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ଡାକ୍ତର ରହି କାର୍ଯ୍ୟ କରୁଥିବା ବେଳେ ଜଣେ ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ଅଛନ୍ତି। ଏଠାରେ ଦୈନିକ ୪ଶହରୁ ୫ଶହ ପର୍ଯ୍ୟନ୍ତ ରୋଗୀ ବହର୍ବିଭାଗକୁ ଆସୁଥିବାରୁ ୩ ଡାକ୍ତରଙ୍କ ପକ୍ଷେ ରୋଗୀ ଦେଖିବା ସମ୍ଭବ ହୋଇପାରୁନାହିଁ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଅସ୍ଥିଶଲ୍ୟ, ଶିଶୁ ବିଶେଷଜ୍ଞ ଓ ଦନ୍ତ ଚିକିତ୍ସା ପଦବୀ ଖାଲି ପଡିଥିବାରୁ ରୋଗୀମାନେ ଚିକିତ୍ସା ନ ପାଇ ହୀନସ୍ତା ହେଉଛନ୍ତି। ସ୍ୱାସ୍ଥ୍ୟସେବା ଉପରେ ସେମାନଙ୍କ ଭରସା ତୁଟିଯାଉଛି। ଜନ୍ମମୃତ୍ୟୁ ପଞ୍ଜୀକରଣ ଲାଗି ୨୦୧୭ଠାରୁ କର୍ମଚାରୀ ପଦବୀ ଖାଲି ଥିବାବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଖ୍ୟା ଅଭାବ ରହିଛି। ସେହିଭଳି କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ତ୍ରୀ ପ୍ରସୂତି ବିଭାଗର ଡାକ୍ତର ରହି କାର୍ଯ୍ୟ ତୁଲାଇ ଆସୁଛନ୍ତି।

ଭୋଗରାଇ, ଜଳସୋହରିଆ, କଖଡ଼ା, ଶ୍ରଦ୍ଧାପୁର ଓ ଦହମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାବେଳେ କେବଳ ଆୟୁଷ ଡାକ୍ତର, କମ୍ପାଉଣ୍ଡର ଓ ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟ ନିର୍ଭର କରୁଛି। ରସଲପୁର, ଆରୁହାବୃତ୍ତି, ଦହମୁଣ୍ଡା, ପୁଟିଣା ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ହୋଇ ନ ପାରିବାରୁ ସ୍ୱାସ୍ଥ୍ୟସେବା ବେହାଲ ହୋଇଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ପ୍ରତିଷ୍ଠା ଲାଗି ଦୀର୍ଘଦିନରୁ ଅଞ୍ଚଳବାସୀଙ୍କ ଦାବି ହୋଇ ଆସୁଥିବା ବେଳେ ଅଦ୍ୟାବଧି ତାହା ପୂରଣ ହୋଇ ନ ପାରିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଜିଲା ଯୋଜନା ବୋର୍ଡ଼ର ସଭାପତି ତଥା ବିଧାୟକ ଅନନ୍ତ ଦାସ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ସ୍ଥିତିକୁ ନେଇ ଗମ୍ଭୀରତାର ସହ ରାଜ୍ୟ ସରକାରଙ୍କୁ ଅବଗତ କରିଥିବା କହିଛନ୍ତି। ସାମାଜିକ କର୍ମୀ ହରନାରାୟଣ ରାଉତ ଭୋଗରାଇରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ପାଇଁ ଲୋକ ପ୍ରତିନିଧି ଓ ରାଜ୍ୟସରକାରଙ୍କୁ ଦାୟୀ କରିଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ନ ହେଲେ ବୃହତ ଆନ୍ଦୋଳନ ହେବ ବୋଲି ଭାଜପା ନେତା ଅଂଶୁମାନ ମହାନ୍ତି କହିଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ Balasore, Saturday, March 7/2020

# କୁଳଡ଼ିହାରେ ବଢୁଛି ଶିକାରୀଙ୍କ ପ୍ରାଦୁର୍ଭାବ

## ଜଣେ ଗିରଫ, ୨ ଫେରାର

ସଜନାଗଡ଼, ୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଳଡ଼ିହା ଅଭୟାରଣ୍ୟ ଭିତରେ ଦିନକୁ ଦିନ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ଦୁଇ ଦିନ ମଧ୍ୟରେ ଦୁଇ ଶିକାରୀ ଗିରଫ ହେବା ଘଟଣା ଏହା ପ୍ରମାଣିତ କରୁଛି। ବନବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଗୁରୁବାର ବିଳମ୍ବିତ ରାତିରେ ଶିଆଡ଼ିମାଳ ପଞ୍ଚାୟତ ବଡ଼ନାଳ ଗ୍ରାମର ନାଲୁ ସିଂ ଓ ତାଙ୍କର ଦୁଇ ସହଯୋଗୀ କୁଳଡ଼ିହାକୁ ଶିକାର କରିବାକୁ ଯାଉଥିବା ବେଳେ ବ୍ରାହ୍ମଣୀହୁଡ଼ି ନିକଟରେ ବନବିଭାଗ ହାତରେ ଧରାପଡ଼ିଥିଲେ। ୨ ସହଯୋଗୀ ବନ୍ଧୁକ ସହ ଫେରାର ହୋଇଯାଇଥିବାବେଳେ ନାଲୁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ଗୋଳାବାରୁଦ, ଗୁଳି ଭର୍ତ୍ତି ବନ୍ଧୁକ, ଟର୍ଚ୍ଚ, ଶାବଳ, କଟୁରି ଆଦି ଜବତ କରାଯାଇଛି। ଏନେଇ କୁଳଡ଼ିହା ବନବିଭାଗର ପକ୍ଷରୁ ମାମଲା (ନଂ. ୩୪/୨୦) ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। କୁଳଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଫରେଷ୍ଟଗାର୍ଡ଼, ସବୁଜବାହିନୀ ସାମିଲ ଥିଲେ। ସେହିପରି ବୁଧବାର ମଧ୍ୟ ପୁଟିବନ୍ଧ ଗ୍ରାମର ମୁନସୀ ସିଂ ନାମକ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।



ଗିରଫ ଶିକାରୀ ନାଲୁ ସିଂ।

# ଆପତ୍ତିଜନକ ଫଟୋ ଭାଇରାଲ: ଗିଫ୍ଟ ସେଣ୍ଟର ମାଲିକ ଗିରଫ

## ଟ୍ରେନ ଆଗକୁ ଡେଇଁ ଛାତ୍ରୀ ଆତ୍ମହତ୍ୟା ଘଟଣା

ବାସୁଦେବପୁର,୬।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀ ଗତ ଜାନୁୟାରୀରେ ଭଦ୍ରକ ରେଲୱେ ଷ୍ଟେଶନରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏ ନେଇ ଫେବୃୟାରୀ ୮ରେ ବାସୁଦେବପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଛାତ୍ରୀଙ୍କ ଆତ୍ମହତ୍ୟା ପରେ ତାଙ୍କର କେତୋଟି ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାରେ ବାସୁଦେବପୁର ପୋଲିସ ଅଧିକ ତଦନ୍ତ କରି ସୋର ଥାନା ତୁଡ଼ିଗଡ଼ିଆ ଗ୍ରାମର ଲକ୍ଷ୍ମଣ ପାତ୍ର ନାମକ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଲକ୍ଷଣଙ୍କର ସ୍ଥାନୀୟ କଲେଜ ରୋଡ୍‌ରେ ଏକ ଗିଫ୍ଟ ସେଣ୍ଟର ଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ମୃତା ଛାତ୍ରୀ ଦୁଇବର୍ଷ ପୂର୍ବରୁ ସୋର ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ଅଧ୍ୟୟନ କରୁଥିଲେ। ସେଠାରେ ଏକ ହଷ୍ଟେଲରେ ରହି ପାଠ ପଢୁଥିବାବେଳେ ଲକ୍ଷ୍ମଣଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ଛାତ୍ରୀଙ୍କ ଆତ୍ମହତ୍ୟା ପରେ ଲକ୍ଷ୍ମଣଙ୍କ ସହିତ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଫଟୋକୁ ଆଧାର କରି ତାଙ୍କୁ ଗିରଫ କରାଯାଇଛି। ଉଲ୍ଲେଖନୀୟ ଯେ, ମୃତ୍ୟୁ ପୂର୍ବରୁ ଛାତ୍ରୀ ଜଣଙ୍କ ବାସୁଦେବପୁରର ଘରୋଇ ମେସ୍‌ରେ ରହି ପାଠ ପଢୁଥିଲେ। ମେସ୍ ମାଲିକଙ୍କ ସହିତ ତାଙ୍କର ଏକ ଆପତ୍ତିଜନକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ପୋଲିସ ମେସ୍ ମାଲିକଙ୍କୁ ପୂର୍ବରୁ ଗିରଫ କରିଥିଲା। ଛାତ୍ରୀଙ୍କ ସହିତ ଅନ୍ୟ ଜଣେ ଯୁବକଙ୍କ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି। ତାଙ୍କୁ ପୋଲିସ ଗିରଫ କରିବାକୁ ସାଧାରଣରେ ଦାବି କରାଯାଇଛି। ପୋଲିସ ମାମଲା (ନଂ.୩୪/୨୦)ରେ ତଦନ୍ତ ଜାରି ରଖିଛି। ତେବେ ଗିରଫ ଲକ୍ଷ୍ମଣ ମୃତା ଛାତ୍ରୀଙ୍କ ସହିତ ତାଙ୍କର ଦୋକାନୀ ଭାବେ ପରିଚୟ ଥିଲା। ତାଙ୍କ ସହିତ କୌଣସି ଖରାପ ସମ୍ପର୍କ ନ ଥିଲା ବୋଲି ପୋଲିସ ଆଗରେ କହିଛନ୍ତି।

# ଚିଙ୍ଗୁଡ଼ି ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

ରୂପ୍‌ସା, ୬।୩(ଡି.ଏନ.ଏ.)- ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ନଳଚକଠାରେ ଥିବା ଏକ ଚିଙ୍ଗୁଡ଼ି ପ୍ଲାଣ୍ଟ ଘରେ ଜଣେ ଚିଙ୍ଗୁଡ଼ି ଚାଷୀ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀ ହେଲେ ବଗ୍‌ଦା ଗ୍ରାମର ସେକ୍ ଶମ୍ଭୁ ହୋସେନ (୩୦)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୦) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଗତ ୪ତାରିଖ ରାତିରେ ସେକ୍ ଶମ୍ଭୁ ଦଶୀପୁରଠାରେ ହେଉଥିବା କବାଲି ପ୍ରୋଗ୍ରାମ ଦେଖି ଲିଜ୍ ସୂତ୍ରରେ ନେଇଥିବା ଚିଙ୍ଗୁଡ଼ି ପ୍ଲାଣ୍ଟ ଘରକୁ ଯାଇଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ଓ ମୃତକଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୩ଘଣ୍ଟା ପରେ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଯୁବକଙ୍କ ପକେଟ୍‌ରୁ ପୋଲିସ ଲେଖା ଥିବା ଏକ କାଗଜ ଜବତ କରିଛି।

# ମହିଳାଙ୍କ ମୃତଦେହ ଉଦ୍ଧାର

ରୂପ୍‌ସା,୬।୩(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଛାନୁଆ ଗ୍ରାମର ରାକେଶ ଦାସଙ୍କ ପତ୍ନୀ ନମିତା ଦାସ ଶୁକ୍ରବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବସ୍ତା ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ନମିତାଙ୍କ ସ୍ୱାମୀ ସକାଳେ କାମ କରିବାକୁ ଯାଇଥିଲେ। ଶାଶୁ ମଧ୍ୟ ବାହାରକୁ ଯାଇଥିଲେ। ସେ ଆତ୍ମହତ୍ୟା କରିଥିବା ଗାଁ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ପରିବା ବ୍ୟାଗରେ ବୁହା ହେଲା ଉତ୍ତରଖାତା

ଉଦଳା, ୬।୩ (ଡି.ଏନ୍.ଏ.)

■ ଯୁକ୍ତ ୨ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ

■ ଅବହେଳା ଯୋଗୁ ରହିଯାଇ ଥିଲା ଦୁଇ ପରୀକ୍ଷାର୍ଥୀଙ୍କ ଖାତା

ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ନେଇ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କହୁଥିବା ବେଳେ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପରିବା ବ୍ୟାଗରେ ଉତ୍ତରଖାତା ଭର୍ତ୍ତି ହୋଇ ନୋଡାଲ ସେଣ୍ଟରକୁ ଯିବା ଘଟଣା ପଦାକୁ ଆସିଛି। ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ତେବେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନତାକୁ ଅଭିଭାବକମାନେ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଯୁକ୍ତ ୨ ବିଜ୍ଞାନ ବିଭାଗର ଇଂରାଜୀ ବିଷୟ ପରୀକ୍ଷା ଥିଲା। ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ୭୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ କଲେଜ ସୁପରିଟେଣ୍ଡେଣ୍ଟ ଏବଂ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଉତ୍ତର ଖାତା ସିଲ୍ ହୋଇଥିଲା। ପରେ ତାହାକୁ ନୋଡାଲ ସେଣ୍ଟର ଉଦଳା କଲେଜକୁ ପଠା ଯାଇଥିଲା। ଖାତାଗୁଡିକ ସେଠାରୁ ସ୍ଥାନୀୟ ପୋଷ୍ଟ ଅଫିସ୍ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇଥିଲା। ପରୀକ୍ଷା ଦେଇଥିବା ଛାତ୍ରୀଙ୍କ ମଧ୍ୟରୁ ୬୯ ଜଣ ଛାତ୍ରୀଙ୍କ ଉତ୍ତର ଖାତା ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇଥିବା ବେଳେ ୨ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା କଲେଜରେ ରହି ଯାଇଥିଲା। ଏହା ଜଣା ପଡ଼ିବା ପରେ ସୁପରିଟେଣ୍ଡେଣ୍ଟ ଜୟଶ୍ରୀ ଚୌଧୁରୀ ଉଦଳା କଲେଜ ପ୍ରିନ୍ସିପାଲ ଗୋପାଳ ଚନ୍ଦ୍ର ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଏ ନେଇ ଡେପୁଟି କଣ୍ଟ୍ରୋଲରଙ୍କ ସହିତ ଆଲୋଚନା କରାଯାଇ ତୁରନ୍ତ ଉକ୍ତ ୨ ଖାତାକୁ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ପଠାଇବା ସକାଶେ କୁହାଯାଇଥିଲା। ତେବେ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶ କ୍ରମେ ଏନେଇ ଉଦଳା ପୋଲିସ୍‌କୁ ଖବର ଦିଆଯାଇଥିଲା। ପୋଲିସ୍ ହେପାଜତରେ କଲେଜରେ ରହି ଯାଇଥିବା ଅନ୍ୟ ୨ ଉତ୍ତରଖାତାକୁ ନୋଡାଲ ସେଣ୍ଟର ପଠା ଯାଇଥିଲା। ଏହି ଖାତା ୨ଟିକୁ ଏକ ପରିବା ବ୍ୟାଗରେ ଭର୍ତ୍ତି କରି ଜଣେ କର୍ମଚାରୀ ପ୍ରିନ୍ସିପାଲଙ୍କ ସହିତ ମିଶି ନୋଡାଲ ସେଣ୍ଟରକୁ ଯାଇ ସେଠାରେ ଦାଖଲ କରିଥିଲେ। ଏନେଇ ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ତଥା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପ୍ରିନ୍ସିପାଲ ଚୌଧୁରୀଙ୍କୁ ପଚାରିବାରୁ ତ୍ରୁଟି ବଶତଃ ଖାତା ଦୁଇଟି କଲେଜରେ ରହି ଯାଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇ ସାରିବା ପରେ ପର୍ଯ୍ୟବେକ୍ଷକ, ସୁପରିଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ଉତ୍ତରଖାତା ସିଲ୍ ହୋଇଥିବା ବେଳେ ବିନା ଗଣତିରେ କିଭଳି ଖାତା ସିଲ୍ ହୋଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇନ୍ଦିରାଗାନ୍ଧୀ କଲେଜ ପକ୍ଷରୁ ୬୯ ଖାତା ପଠାଯାଇ ୭୧ଟି ଖାତା ସିଲ୍ ହୋଇଥିବା ନେଇ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଉଚ୍ଚ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ଛାତ୍ରୀ ଓ ଅଭିଭାବକଙ୍କ ନଜର ରହିଛି।



ପରିବା ବ୍ୟାଗରେ ଉତ୍ତରଖାତା ଭର୍ତ୍ତି ହୋଇ ନୋଡାଲ ସେଣ୍ଟରକୁ ଯାଉଛି।

# ବଧୂହତ୍ୟା ଅଭିଯୋଗ: ଶାଶୁ, ଶ୍ୱଶୁର ଗିରଫ

ଭଦ୍ରକ ଅଫିସ, ୬।୩

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଣ୍ଡେଇପଲ୍ଲୀ ଗାଁରେ ନମିତା ମଳିକ ନାମ୍ନୀ ଜଣେ ମହିଳାଙ୍କୁ ଶାଶୁଘର ଲୋକ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୮/୨୦) ରୁଜୁ କରି ନମିତାଙ୍କ ଶାଶୁ ସଂଯୁକ୍ତା ଓ ଶ୍ୱଶୁର ଗଙ୍ଗାଧରଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ନମିତା ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଶାଶୁଘର ପକ୍ଷରୁ କୁହାଯାଇଥିଲା। ଅପରପକ୍ଷେ ନମିତାଙ୍କୁ ଶାଶୁଘର ଲୋକ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ତାଙ୍କୁ ହତ୍ୟା କରାଯାଇଛି ବୋଲି ନମିତାଙ୍କ ବାପା ମନୋଜ ମଳିକ ଅଭିଯୋଗ କରିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

# ମୋବାଇଲ ଟାୱାର ବସାଇବା ନାଁରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

ବାସୁଦେବପୁର,୬।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ସମିଆ ଗ୍ରାମରେ ୩ଟି ମୋବାଇଲ ଟାୱାର ବସାଇବା ନାଁରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ସାମ୍ନାକୁ ଆସିଛି। ଟାୱାର ବସାଇବାକୁ ଟଙ୍କା ଦେଇ ଠକାମିର ଶିକାର ହୋଇଥିବା ଗ୍ରାମର ଲକ୍ଷ୍ମୀଧର ଘୋଷ ଓ ମଧୁସୂଦନ ଘୋଷ ଶୁକ୍ରବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଟଙ୍କା ନେଇଥିବା ଚୂଡ଼ାମଣି ଅଞ୍ଚଳର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପୋଲିସ ଜିମା ଦେଇଛନ୍ତି। ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକର ଏକ ସଂସ୍ଥା ପକ୍ଷରୁ ସମ୍ପୃକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀଧର ଓ ମଧୁସୂଦନଙ୍କ ବାଡ଼ିରେ ୩ଟି ଟାୱାର ବସାଇବାକୁ ଅଗ୍ରିମ ୨,୧୧,୫୦୦ ଟଙ୍କା ନେଇଥିଲେ। ୮ ବର୍ଷ ତଳେ ଏହି ଟଙ୍କା ନେଣଦେଣ ହୋଇଥିବାବେଳେ ମୋବାଇଲ ଟାୱାର ବସିବା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ମୋବାଇଲ ଟାୱାର ଖୁଣ୍ଟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଛିଡ଼ା ହୋଇ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାରୁ ସେମାନେ ଗତବର୍ଷ ଟାୱାର ଖୁଣ୍ଟକୁ ଖୋଲି ରଖି ଦେଇଥିଲେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଟାୱାର କାର୍ଯ୍ୟ ନିର୍ମାଣ ଶେଷ ନ କରିବା ଓ ଟଙ୍କା ଫେରସ୍ତ ନ କରିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଶେଷରେ ସେମାନେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ମର୍ମନ୍ତୁଦ ସଡକ ଦୁର୍ଘଟଣା: ୨ ଯୁବକ ମୃତ

କେନ୍ଦୁଝର, ୬।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଆଖୁପାଳ ଗ୍ରାମ ବାଇପାସ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । କୌଣସି ଏକ ଟ୍ରକ ସହ ବାଇକର ଧକ୍କା ହେବାରୁ ବାଇକରେ ଆସୁଥିବା ହରିଚନ୍ଦନପୁର ବ୍ଲକ ହୁଣ୍ଡା ଗ୍ରାମର ନାଣ୍ଟୁ ପାତ୍ର(୨୫) ଓ ଟିକାୟତ ବେହେରା(୨୬)ଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସେମାନେ କୌଣସି କାମରେ ହରିଚନ୍ଦନପୁର ଆସି ବାଇକରେ ଘରକୁ ଫେରୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କୁ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ହରିଚନ୍ଦନପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ଏକ ମାମାଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି ।

# ନାବାଳକ ଲୁଟେରାଙ୍କୁ ପୋଲିସ ଜିମା

## ୪.୫୦ ଲକ୍ଷ ଲୁଟ୍ ବେଳେ କାବୁ କଲେ ଲୋକେ

ବାସୁଦେବପୁର,୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଗ୍ରାମ୍ୟବ୍ୟାଙ୍କ ସାମ୍ନାରୁ ଶୁକ୍ରବାର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ଦୌଡ଼ି ପଳାଉଥିବାବେଳେ ଜଣେ ନାବାଳକ ଲୁଟେରାଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ, ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଅବସରପ୍ରାପ୍ତ କର୍ମଚାରୀ ଗୌରହରି ଜେନା ବାସୁଦେବପୁର ଷ୍ଟେଟବ୍ୟାଙ୍କରୁ ଜମାଖାତାରୁ ୪ ଲକ୍ଷ ୫୦ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖିଥିଲେ। ସେ ବାଇକ୍‌ରେ କୌଣସି କାର୍ଯ୍ୟ ପାଇଁ ଗ୍ରାମ୍ୟବ୍ୟାଙ୍କକୁ ଆସିଥିଲେ। ଟଙ୍କା ବ୍ୟାଗ୍‌କୁ ହାତରେ ଧରି ଗ୍ରାମ୍ୟବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ଉଠୁଥିବାବେଳେ ଏହି ନାବାଳକ ଲୁଟେରା ତାଙ୍କୁ ପିଛା କରି ଟଙ୍କା ବ୍ୟାଗ୍ ଛଡ଼ାଇ ନେଇ ଦୌଡ଼ିବାକୁ ଆରମ୍ଭ କରିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ଟଙ୍କା ଲୁଟ୍ ସମ୍ପର୍କରେ ଜାଣି ପିଛା କରି ନାବାଳକ ଲୁଟେରାଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଟଙ୍କା ଉଦ୍ଧାର କରିବା ସହ ତାଙ୍କୁ ସ୍ଥାନୀୟ ପୋଲିସ ଜିମା ଦେଇଥିଲେ। ନାବାଳକଙ୍କ ଘର ଗଞ୍ଜାମ ଜିଲା ଆସିକା ଅଞ୍ଚଳରେ ଏବଂ ତାଙ୍କ ସହ ଆସିଥିବା ଅନ୍ୟ ଜଣେ ଲୁଟେରା ଫେରାର ହୋଇଯାଇଥିବା ସେ ପୋଲିସ ଆଗରେ କହିଛନ୍ତି। ଫେରାର ଲୁଟେରାଙ୍କ ଘର ମଧ୍ୟ ଆସିକା ଅଞ୍ଚଳରେ। ସେ ଜଣେ ପେସାଦାର ଲୁଟେରା। ତାଙ୍କୁ ପ୍ରଥମଥର ଏହି ଲୁଟ୍‌ରେ ନିୟୋଜିତ କରିଥିବା ନାବାଳକ ପ୍ରାଥମିକ ତଦନ୍ତ ବେଳେ ପ୍ରକାଶ କରିଥିବା ପୋଲିସ କହିଛି। ନାବାଳକ ଏକ ହୋଟେଲରେ କାମ କରୁଥିଲେ। ଫେରାର ଲୁଟେରା ତାଙ୍କୁ ଟଙ୍କା ଲୋଭ ଦେଖାଇ ସହଯୋଗୀ ଭାବେ ଆଣିଥିଲେ। ଶୁକ୍ରବାର ଭୋର ୪ଟାରୁ ସେମାନେ ବାଇକ୍‌ରେ ଆସିକାରୁ ବାହାରି ପୂର୍ବାହ୍ନ ୧୧ଟାରେ ବାସୁଦେବପୁର ଷ୍ଟେଟବ୍ୟାଙ୍କ ଶାଖାରେ ପହଞ୍ଚିଥିଲେ। ଗୌରହରି ବ୍ୟାଙ୍କରୁ ଟଙ୍କା ଉଠାଇବା ପରେ ସେମାନେ ତାଙ୍କ ପିଛା କରିଥିଲେ ବୋଲି ସେ ସ୍ୱୀକାର କରିଛନ୍ତି।






BASANTI AUTO AGENCY: BALASORE, BHADRAK, BARIPADA, JALESWAR, KARANJIA, RAIRANGPUR, CHANDBALI- 7428439876,
UTKAL AUTOMOBILES: KEONJHAR, BARBIL: 7428201686



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

ପାଟଣା, ୬।୩(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ବନବୀର ଗ୍ରାମର କାଳୀଚରଣ ମହାନ୍ତ ନାମକ ଜଣେ ୨୨ବର୍ଷର ଯୁବକ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ଅପରାହ୍ନ ସେ ନିଜ ଘର ସଂଘାରେ ବେକରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

### ସଂଘବଦ୍ଧ ଆକ୍ରମଣରେ ମହିଳା ଗୁରୁତର

ତେଲକୋଇ,୬।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ପଡାଙ୍ଗ ପଞ୍ଚାୟତ ଗୋପାଳ ସାହିର ଜଣେ ୪୫ ବର୍ଷୀୟା ମହିଳା ସଂଘବଦ୍ଧ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଦମକଳ ବହିନୀ ତାଙ୍କୁ ଉଦ୍ଧାର କରି ତେଲକୋଇ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗୋପାଳ ସାହିର ଜଣଙ୍କ ବାଡ଼ିରେ ଏହି ମହିଳାଙ୍କ ଛେଳି ପଶିବା ଘଟଣା ନେଇ ଗଣ୍ଡଗୋଳ ଘଟିଥିଲା। ଏହା ପରେ ପ୍ରାୟ ୭ ଜଣ ଲୋକ ମିଶି ଏହି ମହିଳାଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। ଚିକିତ୍ସାଧୀନ ଥିବାରୁ ମହିଳାଜଣଙ୍କ ଆକ୍ରମଣ ଘଟଣା ନେଇ ତେଲକୋଇ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡିଛି।

### କେନ୍ଦୁଝର କାଳୀତୀର୍ଥର ନୂତନ କର୍ମକର୍ତ୍ତା

କେନ୍ଦୁଝର, ୬।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲାର ଅନ୍ୟତମ ସର୍ବପୁରାତନ ପୂଜା କମିଟି ଭାବେ ପରିଗଣିତ ତଥା ୧୯୪୧ ମସିହାରୁ ତତ୍କାଳୀନ ରାଜା ସାହେବ ବଳଭଦ୍ର ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ କାଳୀତୀର୍ଥ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦରେ ଥାଇ ହିମାଂଶୁ ଭୂଷଣ ମିଶ୍ରଙ୍କ ପରଲୋକ ହେବା ଯୋଗୁ ଏହି ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ସଭାପତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମୁଖ୍ୟ ଉପଦେଷ୍ଟା ଭାବରେ ରବୀନ୍ଦ୍ର ମିଶ୍ର, ସଭାପତି ଭାବେ ବିଭୂତି ଭୂଷଣ ପଟ୍ଟନାୟକ,ଉପସଭାପତି ଭାବେ ରମେଶ ପାଣ୍ଡିଆ,ସାଧାରଣ ସମ୍ପାଦକ ଭାବେ ଦୀପକ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ସରୋଜ କୁମାର ରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ଅନ୍ୟ ନୂତନ ସଦସ୍ୟ ଗ୍ରହଣ ପାଇଁ ସମ୍ପାଦକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

## କଳା, ସଂସ୍କୃତିର ପୁନରୁଦ୍ଧାରକୁ ଅଣଦେଖା


ପରିତ୍ୟକ୍ତ ଅବସ୍ଥାରେ ବିକେଏସଏସ କାର୍ଯ୍ୟାଳୟ ।

ଚମ୍ପୁଆ, ୬।୩(ଡି.ଏନ.ଏ.)

ଲୋପ ପାଇ ଯାଉଥିବା କଳା,ସଂସ୍କୃତିର ପୁନରୁଦ୍ଧାର ଓ କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇବା ଲକ୍ଷ୍ୟ ନେଇ ଏଠାରେ ଖୋଲାଯାଇଥିବା ବି.କେ.ଏସ୍.ଏସ୍. କାର୍ଯ୍ୟାଳୟ ଲକ୍ଷ୍ୟଠାରୁ ଦୂରରେ ରହିଛି। କଳା ସମ୍ବନ୍ଧୀୟ ଆଲୋଚନା ଓ ବୈଠକ ଆୟୋଜନ କରି କଳା ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିବା ସକାଶେ ୨୦୧୧ ମସିହାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ବ୍ଲକରେ ବ୍ଲକ କଳା ସଂସ୍କୃତି କାର୍ଯ୍ୟାଳୟ ଏକ ପୁରୁଣା ଘରେ ଖୋଲା ଯାଇଥିଲା। ତତ୍କାଳୀନ ଉପଜିଲାପାଳ ଡି. ବିନ୍ଦା ଓ ବିଡିଓ କୁକୁମିନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ୨ ବର୍ଷ ଯେନତେନ ପ୍ରକାରେ ଉକ୍ତ କାର୍ଯ୍ୟାଳୟ କାର୍ଯ୍ୟ କରୁଥିଲା। ପରେ ଦୀର୍ଘ ବର୍ଷ ହେବ ଏହା ପରିତ୍ୟକ୍ତ ଅବସ୍ଥାରେ ପଡି ରହି ବଣବୁଦା ଭିତରେ ଲୁଚିଗଲାଣି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଲାଗି ଏହି ସଂସ୍ଥା ଓ ଯୋଜନା ଆଜି ଅଲୋଡା ହୋଇ ପଡିଛି ବୋଲି କଳାକାରମାନେ ମତ ଦେଉଛନ୍ତି। ବିଭିନ୍ନ ଅଞ୍ଚଳରୁ ବ୍ଲକକୁ ଆସୁଥିବା କଳାକାରମାନେ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଭତ୍ତା ଆଦି କାର୍ଯ୍ୟ ଶେଷ କରିବା ବେଳେ ନିଜ କାର୍ଯ୍ୟାଳୟରେ ବସିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ବ୍ଲକ କଳା, ସଂସ୍କୃତି ସଂଗଠନର ସଭାପତି ଭାବେ ବିଡିଓ ଦାୟିତ୍ୱରେ ଥିବା କୁହାଯାଉଛି। କଳା, ସଂସ୍କୃତିର ପୁନରୁଦ୍ଧାର କାର୍ଯ୍ୟକୁ ଅଣଦେଖା କରାଯିବା ନେଇ ସମ୍ପାଦକ ତଥା ବିଏସଏସଓ ଅଧିକାରୀ ଶିବାନୀ ମାର୍ଣ୍ଡିଙ୍କୁ ପଚାରିବାରୁ ସେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ହତ୍ୟା

### ପୋଲତଳୁ ମୃତଦେହ ଉଦ୍ଧାର

କେନ୍ଦୁଝର, ୬।୩ (ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାଂଶପାଳ ବ୍ଲକ କୁମୁଣ୍ଡି ପଞ୍ଚାୟତ ତଳଜାଗର ଡୁମୁରିଘାଟ ନାଳ ପୋଲତଳୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ନାମ କବି ଦେହୁରୀ (୫୫) । ଘର ତଳଜାଗର ଗ୍ରାମରେ ବୋଲି ପୋଲିସ କହିଛି। ସକାଳେ ପୋଲ ତଳେ ଏହି ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ସଙ୍ଗେ ସଙ୍ଗେ ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡିଥିଲା। ସାହି କଳହକୁ କେନ୍ଦ୍ରକରି ଗୁରୁବାର ରାତିରେ କେହି ତାଙ୍କୁ ହତ୍ୟା କରି ପୋଲ ତଳେ ପକାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରୁଥିବା କହିଛି। ସଦରଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିବା ସହ ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୯୪/୨୦) ରୁଜୁ ହୋଇଥିବା କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭୁଜାଲି ମାଡ଼

### ୨ ଆହତ, ଜଣେ ଅଟକ, ଜଣେ ଫେରାର

ଯୋଡ଼ା, ୬।୩(ଡି.ଏନ.ଏ.)


ଯୋଡା ଡାକ୍ତରଖାନାରେ ଦୁଇ ଆହତ ବ୍ୟକ୍ତି।

କେନ୍ଦୁଝର ଜିଲା ଯୋଡା ସହରର ବାରୁ ହଟିଂଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ୨ଜଣ ବ୍ୟକ୍ତିଙ୍କୁ ଭୁଜାଲି ଓ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଅପରାହ୍ନ ପ୍ରାୟ ଗୋଟାଏ ବେଳେ ବାରୁ ହଟିଂଠାରେ ରହୁଥିବା ଚତୁର୍ଭୁଜ ନାଏକଙ୍କୁ ସେହି ହଟିଂର ଦୁଇଜଣ ଯୁବକ ଆସି ଠେଙ୍ଗାରେ ମାଡ ମାରି ରକ୍ତାକ୍ତ କରିଦେଇଥିଲେ । ଚତୁର୍ଭୁଜଙ୍କୁ ମାଡ ମାରିବା ପରେ ଆକ୍ରମଣକାରୀ ନିକଟରେ ରହୁଥିବା ନରସିଂ ମୁଣ୍ଡାଙ୍କ ଘରକୁ ଯାଇ ସେ ଶୋଇଥିବା ଅବସ୍ଥାରେ ତାଙ୍କ ପେଟରେ ଭୁଜାଲି ଭୁସି ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀ ଜଣେ ଯୁବକଙ୍କୁ କାବୁ କରି ନେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ଆହତଦ୍ୱୟଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାକୁ ପଠାଇଥିଲା । ଆହତ ନରସିଂ ମୁଣ୍ଡାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ପରେ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଯାଇଛି । ଏ ନେଇ ପୋଲିସ କାବୁ କରିଥିବା ଆକ୍ରମଣକାରୀ ଯୁବକ ଜଣକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଖବର ଲେଖା ହେବା ଯାଏ ଥାନାରେ ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

## ହତ୍ୟା ଉଦ୍ୟମ ମାମଲା ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଜଳେଶ୍ୱର, ୬।୩(ସ୍ୱ.ପ୍ର.)

ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଶୁକ୍ରବାର ଜଳେଶ୍ୱର ସହକାରୀ ଦୌରାଜଜ୍ ଇନ୍ଦିରା ପ୍ରିୟଦର୍ଶନୀ ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେବା ସହ ୧୦୦୦ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଆଡ଼ ଗ୍ରାମରେ ୨୦୧୭ ଜାନୁୟାର ୧୨ ତାରିଖରେ ଜମିଜମାକୁ କେନ୍ଦ୍ର କରି ଏକ ହତ୍ୟା ଉଦ୍ୟମ ମାମଲା ହୋଇଥିଲା। ଖୁଆଡ଼ ଗ୍ରାମର ପ୍ରକାଶ ଚନ୍ଦ୍ର ଘୋଷ ଏବଂ ତାଙ୍କ ବାପା ରାମଚନ୍ଦ୍ର ସଂଘବଦ୍ଧ ଭାବେ ତାଙ୍କ ସମ୍ପର୍କୀୟ ପ୍ରତାପ ଚନ୍ଦ୍ର ଘୋଷଙ୍କୁ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରତାପ ମୂମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ପୁତ୍ରବଧୂ ସୁକାନ୍ତି ଘୋଷଙ୍କ ଅଭିଯୋଗ ଅନୁଯାୟୀ ରାଇବଣିଆ ଥାନାରେ ଏକ ମାମଲା (ନଂ. ୪/୧୭) ରୁଜୁ ହୋଇଥିଲା।

## ହତ୍ୟାକାଣ୍ଡ ପୀଡ଼ିତଙ୍କ ପରିବାରକୁ କ୍ଷତିପୂରଣ


ପୀଡିତଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

କେନ୍ଦୁଝର, ୬।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ହତ୍ୟାକାଣ୍ଡ ପୀଡିତଙ୍କ ପରିବାରକୁ ଶୁକ୍ରବାର କ୍ଷତିପୂରଣ ପ୍ରଦାନ କରାଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ସୌଦାମିନୀ ବିଶ୍ୱାଳ ପାଟଣା ଥାନା ଅଧୀନ ରେଣୁକା ମହାରଣା,ଲକ୍ଷ୍ମୀପ୍ରିୟା ମହାରଣା ଓ ନନ୍ଦକିଶୋର ମହାରଣାଙ୍କୁ ହତ୍ୟା କରାଯିବା ମାମଲାରେ ସେମାନଙ୍କ ପରିବାରକୁ ୪୦ହଜାର ଟଙ୍କା ଲେଖାଏଁ ଏବଂ ଅନ୍ୟ ଏକ ହତ୍ୟା ମାମଲାରେ କାଞ୍ଜିପାଣି ଥାନା ଅନ୍ତର୍ଗତ ଅନି ସାନଙ୍ଗିଙ୍କ ପରିବାରକୁ ୧ଲକ୍ଷ ଟଙ୍କା, ତାଙ୍କ ପୁଅ ପ୍ରସନ୍ନ ସାନଙ୍ଗିଙ୍କୁ ୩୦ହଜାର ,ଚକ୍ର ସାନଙ୍ଗିଙ୍କୁ ୩୦ହଜାର ଓ ଝିଅ ରଚନା ସାନଙ୍ଗିଙ୍କୁ ୪୦ହଜାର ଟଙ୍କା ମିଶାଇ ମୋଟ ୩ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଗକୁ ଏଭଳି ସହାୟତା ପ୍ରକ୍ରିୟା ଜାରି ରହିବ ବୋଲି ଜିଲା ଆଇନସେବା ପ୍ରାଧିକରଣର ସଚିବ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଅରଡ଼େଇ ନଦୀ ପୋଲ ନିର୍ମାଣରେ ବିଳମ୍ବ

### ୩ ବର୍ଷ ବିତିଲାଣି, ସରିନି ୩୦ ପ୍ରତିଶତ କାମ

କେନ୍ଦୁଝର, ୬।୩ (ସ୍ୱ.ପ୍ର.)



କେନ୍ଦୁଝର ସଦର ବ୍ଲକ ଜାମୁଡିହା-ବିସ୍ତାପାଳ ରାସ୍ତାରେ ନିର୍ମାଣାଧୀନ ଅରଡେଇ ନଦୀରେ ପୋଲ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ପୋଲ ନିର୍ମାଣ ହେଲେ ଆଖପାଖର ପ୍ରାୟ ୧୦ ଗ୍ରାମର ଲୋକ ଯାତାୟାତ ସୁବିଧା ପାଇବେ। ଉପଯୁକ୍ତ ତଦାରଖ ହେଉ ନ ଥିବାରୁ ଦୀର୍ଘ ୩ ବର୍ଷ ଧରି ନିର୍ମାଣ କାର୍ଯ୍ୟରେ ଅହେତୁକ ମନ୍ଥରତା ଦେଖାଦେଇଛି । ଏଥର ବର୍ଷାଦିନ ଆସିବା ଆଗରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରି ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

୨୦୧୬ ନଭେମ୍ବର ୨ ତାରିଖରେ ବିଜୁସେତୁ ଯୋଜନାରେ ଉକ୍ତ ପୋଲ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ପଡିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହାର ଭିତ୍ତିପ୍ରସ୍ତର ଉନ୍ମୋଚନ କରିଥିଲେ। ପୂର୍ବତନ କେନ୍ଦୁଝର ଏମପି ଶକୁନ୍ତଳା ଲାଗୁରୀ ଓ ପୂର୍ବତନ ସଦର ବିଧାୟକ ଅଭିରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ବର୍ଷକ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଉଥିବା ବେଳେ ଅଦ୍ୟାବଧି ୩୦ ପ୍ରତିଶତ କାମ ହୋଇ ନ ଥିବା ଜଣାପଡିଛି। ଯେଉଁଭଳି କାମ ଚାଲିଛି ତାହା ଜାରି ରହିଲେ, ଏହା ଶେଷ ହେବାକୁ ଆହୁରି ୨ବର୍ଷ ଲାଗିବ ବୋଲି ସ୍ଥାନୀୟ ଅଧିବାସୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ଅନ୍ୟ ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି । ଉଲ୍ଲେଖନୀୟ ଯେ, ବର୍ଷାଦିନେ ନଦୀରେ ବର୍ଷା ଓ ବନ୍ୟାଜଳ ଆସିଲେ ଯାତାୟାତ ବିପଦପୂର୍ଣ୍ଣ ହୋଇ ପଡିଥାଏ। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ସରକାର ଲୋକଙ୍କ ସୁରକ୍ଷିତ ଯାତାୟାତ ସକାଶେ ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତଦାରଖ ଅଭାବରୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଉଚ୍ଚ ପ୍ରଶାସନ ତଥା ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସଦର ବିଧାୟକ ମୋହନ ଚରଣ ମାଝି ଦାବି କରିଛନ୍ତି ।

## ଅନ୍ୟ ଲାଗି ଉଦାହରଣ ସାଜିଥିବା ୨୦ ମହିଳାଙ୍କୁ ସମ୍ବର୍ଦ୍ଧନା

ଚମ୍ପୁଆ, ୬।୩(ଡି.ଏନ.ଏ.)



ମହିଳା ସମାବେଶରେ ଯୋଗ ଦେଇଥିବା ଅତିଥି ।

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଗୁରୁବାର ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବିଜୁ ଜନତା ଦଳ ଚମ୍ପୁଆ ପକ୍ଷରୁ ଆୟୋଜିତ ଏହି ସମାବେଶରେ ବିଭିନ୍ନ କାର୍ଯ୍ୟରେ ନିଜକୁ ସ୍ୱାବଲମ୍ବୀ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ଚମ୍ପୁଆ ଏନଏସିର ୧୦ ଜଣ ମହିଳା ଓ ଚମ୍ପୁଆ ବ୍ଲକର ୧୦ ଜଣ ମହିଳାଙ୍କୁ ଶାଢି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟିକା ମୀନାକ୍ଷୀ ମହାନ୍ତ ଓ ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଜିଲା ସଭାପତି ମାଧବ ସର୍ଦ୍ଦାର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଚେୟାରମ୍ୟାନ ରମଣି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବ୍ଲକ ସଭାପତି ଅଶୋକ ମହାନ୍ତ, ନଗର ସଭାପତି ଗିରିଜା ଶଙ୍କର ସାହୁ, ୧୩ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଲୀଳାବତୀ ଖିଲାର ଓ ୧୪ ନଂ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଏମ୍‌ପି ବ୍ଲକ ପ୍ରତିନିଧି ଗଣେଶ ଖିଲାର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ଲାଗି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ

ଝୁମ୍ପୁରା ୬।୩, (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡନେଉଳି ଗ୍ରାମ ପଞ୍ଚାୟତର ବାସିନ୍ଦାମାନେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟକୁ ଘେରିବା ସହିତ ତାଲା ପକାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ପ୍ରତିବାଦରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀ ଦର୍ଶାଇଥିଲେ ଯେ, ପଞ୍ଚାୟତରୁ ସମୁଦାୟ ୧୦୨୨ ଜଣ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ପଠାଯାଇଥିଲା। ପ୍ରଥମ ଦଫାରେ ୬୨ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିବା ନେଇ ତାଲିକା ପ୍ରକାଶ ପାଇଛି। ହେଲେ ଏହି ଯୋଜନାର ତାଲିକାରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିବାରୁ ଏ ନେଇ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଏ ନେଇ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବାଦ ଦିଆଯିବ ବୋଲି କହିଛନ୍ତି।


ବଡନେଉଳି ପଞ୍ଚାୟତ କାର୍ଯ୍ୟାଳୟକୁ ଗ୍ରାମବାସୀ ଘେରାଉ କରିଛନ୍ତି।

## ଆନନ୍ଦପୁର ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ସନ୍ଧ୍ୟାରେ (ବାମରୁ) ଜିଲାପାଳ ଆଶିଷ ଠାକରେ, ବିଧାୟକ ଭାଗୀରଥି ସେଠୀ, ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ, ବିଧାୟକ ବଦ୍ରି ନାରାୟଣ ପାତ୍ର ଏବଂ ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ମଞ୍ଚାସୀନ ଅଛନ୍ତି।

### କଳା ଓ ସଂସ୍କୃତିର ବିକାଶ ଆଣିଦେବ ସରସତା

ଆନନ୍ଦପୁର, ୬।୩(ସ୍ୱ.ପ୍ର.)

ଆନନ୍ଦପୁରବାସୀଙ୍କ ଲାଗି ଗଣପର୍ବର ରୂପ ନେଇଥିବା ଆନନ୍ଦପୁର ମହୋତ୍ସବ-୨୦୨୦ ମଶାଲ ଶୋଭାଯାତ୍ରା ସାଙ୍ଗକୁ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମହୋତ୍ସବ କମିଟିର ସଭାପତି ତଥା ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ରାଜ୍ୟ ମତ୍ସ୍ୟ, କୃଷି, ପଶୁ ସମ୍ପଦ, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ସାଂସ୍କୃତିକ ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କଳା ଓ ସଂସ୍କୃତିର ବିକାଶ ସମାଜ ଜୀବନରେ ସରସତା ଆଣିଦେବ ବୋଲି ସେ କହିଥିଲେ।

ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଘସିପୁରା ବିଧାୟକ ପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ବିକାଶର ପ୍ରତିଯୋଗିତାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ବିଧାୟକ ସେଠୀ ଆନନ୍ଦପୁର ମହୋତ୍ସବ ପାଇଁ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ନିମନ୍ତେ ଜିଲାପାଳଙ୍କୁ କହିଥିଲେ । ଏଥିସହ ଆନନ୍ଦପୁର ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀକରଣ କରିବାକୁ ସେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସଭାରେ ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ଉପଲକ୍ଷେ ବସିଥିବା ମେଳା ଓ ଆଲୋକ ସାଜସଜ୍ଜା ଦେଖିବାକୁ ଗହଳି ପରିଲକ୍ଷିତ ହୋଇଥିଲା।

## ପାରମ୍ପରିକ ନୃତ୍ୟଗୀତ ମଧ୍ୟରେ ମଶାଲ ଶୋଭାଯାତ୍ରା

ଆନନ୍ଦପୁର, ୬।୩(ସ୍ୱ.ପ୍ର.)

ଆନନ୍ଦପୁର ମହୋତ୍ସବ ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ଭାଇଚାରାର ପ୍ରତୀକ ସ୍ୱରୂପ ସଂସ୍କୃତିର ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଆଦିବାସୀ ବାଜା ଓ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ଶୋଭାଯାତ୍ରା ସହର ପରିକ୍ରମା କଲାବେଳେ ରାସ୍ତାଘାଟ ଦୁଲୁକି ଉଠିଥିଲା। ଆନନ୍ଦପୁର ଉପଜିଲାପାଳ ସାହୁ ପ୍ରଥମେ ଝାଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ଆନନ୍ଦପୁର ବିଧାୟକ ସେଠୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ,ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ମହାନ୍ତି, ଆନନ୍ଦପୁର ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଦାଶ, ପ୍ରେସ୍ କ୍ଲବର ସଭାପତି ଗୋପାଳ କୃଷ୍ଣ ରାଉତ, ସମ୍ପାଦକ ସନ୍ତୋଷ ରାଉତ, ନୃତ୍ୟଗୁରୁ ଜିତୁ ଦାଶ,ବରିଷ୍ଠ ଆଇନଜୀବୀ ବାଇଧର ସେଠୀ, ଓକିଲ ସଂଘର ସମ୍ପାଦକ ଅମର ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ, କ୍ରୀଡ଼ାବିତ୍ , ଆନନ୍ଦପୁର ମହାବିଦ୍ୟାଳୟ ଏନସିସି ଦଳ, ଆଇଟିଆଇର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାକାରୀ ଆନନ୍ଦପୁରର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ଆଶୀର୍ବାଦ ନେଇ ଯିବା ପରେ ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ମଶାଲକୁ ସ୍ଥାପନା କରାଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।


ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।